# ପ୍ରଫେସରଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ପଦ୍ମପୁର, ୬।୪ (ସମିସ):** ପଦ୍ମପୁର ଅଞ୍ଚଳରେ ଜଣେ ପ୍ରଫେସରଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଆକ୍ରମଣରେ ପ୍ରଫେସର ଶ୍ରୀକାନ୍ତ କୁମାର ସାହୁଙ୍କ ଡାହାଣ ପାର୍ଶ୍ୱ ଛାତିର ୪ର୍ଥ ପଞ୍ଜରା ହାଡ଼ ଭାଙ୍ଗିଯାଇଥିବା ବେଳେ ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗ ଅନୁସାରେ, ସୋମବାର ସକାଳ ପ୍ରାୟ ୭ଟା ସମୟରେ ପ୍ରଫେସର ସାହୁ ସ୍ୱଚ୍ଛତା କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଭେଉଁରିଆ ଛକ ନିକଟସ୍ଥ ଏକ ରାସ୍ତା ମୋଡ଼ରେ ଦୁଇଜଣ ଯୁବକ ତାଙ୍କୁ ଅଟକାଇଥିଲେ। ପ୍ରଥମେ କାଠକୁ ନେଇ ବିବାଦ ହେବା ପରେ ଘଟଣା ହିଂସ୍ର ରୂପ ନେଇଥିଲା। ଦୁଇ ଅଭିଯୁକ୍ତ ତାଙ୍କୁ ତଳେ ପକାଇ ତଣ୍ଟି ଚିପି ଧରି ନିର୍ମମ ଭାବେ ପିଟିଥିବା ଅଭିଯୋଗ ହୋଇଛି।ପ୍ରାୟ ୫ରୁ ୭ ମିନିଟ୍ ଧରି ଆକ୍ରମଣ ଚାଲିଥିବା ବେଳେ ପ୍ରଫେସର ସାହୁ ଅସହାୟ ଅବସ୍ଥାରେ ପଡ଼ିଥିଲେ। ପରେ ନିକଟସ୍ଥ ଚା ଦୋକାନର ଲୋକମାନେ ଘଟଣାସ୍ଥଳକୁ ଆସି ତାଙ୍କୁ ଉଦ୍ଧାର କରିଥିଲେ। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ପଳାଇଯାଇବା ପୂର୍ବରୁ ପ୍ରଫେସରଙ୍କୁ ଜୀବନରୁ ମାରିଦେବା ଧମକ ଦେଇଥିବା କଥା ଅଭିଯୋଗରେ ଉଲ୍ଲେଖ ଅଛି। ଘଟଣା ପରେ ପ୍ରଫେସର ସାହୁଙ୍କୁ ସ୍ଥାନୀୟ ଲୋକମାନେ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଙ୍କ ପରୀକ୍ଷା ଓ ଏକ୍ସ-ରେରେ ତାଙ୍କର ଛାତିର ପଞ୍ଜରା ଭାଙ୍ଗିଯାଇଥିବା ସ୍ପଷ୍ଟ ହୋଇଛି। ପ୍ରଫେସର ସାହୁ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଭାରତୀୟ ନ୍ୟାୟ ସଂହିତା ର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି। ଏହା ସହିତ ସେ ନିଜ ଜୀବନକୁ ସଙ୍କଟ ଥିବା ଦାବି କରି ସୁରକ୍ଷା ଯୋଗାଇଦେବାକୁ ପୁଲିସ ପାଖରେ ଅନୁରୋଧ କରିଛନ୍ତି। ଘଟଣାକୁ ନେଇ ପଦ୍ମପୁର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ବେଳେ, ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ବରଗଡ଼ ଜିଲ୍ଲାରେ କାଳବୈଶାଖୀ ତାଣ୍ଡବ

# କୁଆପଥରରେ ଢାଙ୍କି ହୋଇଗଲା ସହର

**ବରଗଡ଼, ୬।୪(ସମିସ)**





ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବିଜୁଳୀ, ଘଡ଼ଘଡ଼ି ସହ ଜୋରରେ ପବନ ସାଙ୍ଗକୁ ବର୍ଷା ସହ କୁଆପଥର ମାଡ଼ ହୋଇଛି। ବରଗଡ଼ ସହର ତଥା ସମସ୍ତ ବ୍ଲକମାନଙ୍କ ରେ ଜୋର ବର୍ଷା ସହ କରା ମାଡ଼ ହୋଇଛି। ତେବେ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଜୋର ପବନ ହେବା ସହ ବର୍ଷା ହୋଇଥିଲା। ବରଗଡ଼ରେ ଅନେକ ସ୍ଥାନରେ ଗଛ ଭାଙ୍ଗିବା ସହ ତାର ଛିଣ୍ଡିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ଦୀର୍ଘ ଅଧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ବର୍ଷା ସହ କୁଆପଥର ମାଡ଼ ହେଇଥିଲା।ଧାନ ଚାଷ ସହ କାକୁଡି, ପୋଟଳ, କଲରା, ଭେଣ୍ଡି, ତରଭୁଜ, ଆଦି ଖରା ଦିନିଆ ପନିପରିବା ବ୍ୟାପକ ଭାବେ ନଷ୍ଟ ହୋଇଯାଇଛି। ରାସ୍ତା ଉପରେ ବଡ ବଡ ଗଛ ପଡ଼ି ଦୀର୍ଘ ସମୟ ଭଟଲି ବରଗଡ଼ ରାସ୍ତା ଜାମ୍ ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଗାଇସିଲେଟ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଗାଇସିଲେଟ, ୬।୪(ସମିସ)** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ବିଡିଓ ଲକ୍ଷ୍ମଣ ମାଝୀ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳଯୋଗାଣ, ରାସନକାର୍ଡ, ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ୮୯ଟି ଅଭିଯୋଗ ମଧ୍ୟରୁ ୫୩ଟି ବ୍ୟକ୍ତିଗତ ଏବଂ ୩୬ ଗୋଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



### ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ

# ପୁସ୍ତକ ପଠନର ଯଥେଷ୍ଟ ଆବଶ୍ୟକତା




**ବରଗଡ଼, ୬।୪(ସମିସ):** ଆଜିକାଲିର ମୋବାଇଲ ମନସ୍କ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକପଠନର ଯଥେଷ୍ଟ ଆବଶ୍ୟକତା ରହିଛି। ପ୍ରତ୍ୟେକ ଛାତ୍ରଛାତ୍ରୀ ମୋବାଇଲରେ ଅଧିକ ସମୟ ନଷ୍ଟ ନକରି ପାଠ୍ୟ ପୁସ୍ତକ ସହିତ ଅନ୍ୟ ଭଲଭଲ ପୁସ୍ତକ ସଂଗ୍ରହ କରି ପାଠ କରିବା ଉଚିତ ବୋଲି ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟରେ ଆୟୋଜିତ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାପକ ଡ.ପ୍ରଦୀପ ହୋତା ସାମ୍ପ୍ରତିକ ସମୟର ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକ ପଠନର ଉପାଦେୟତା ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖି ଜୀବନକୁ ମୂଲ୍ୟଯୁକ୍ତ କରିବାକୁ ହେଲେ ଅଧିକରୁ ଅଧିକ ଭଲ ପୁସ୍ତକ ପଠନ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ରୀମାମୟୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ପୁସ୍ତକମାନଙ୍କ ମଧ୍ୟରୁ ନିଜ ନିଜ ମନ ପସନ୍ଦ ମୁତାବକ ପୁସ୍ତକ ଚୟନ କରି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପାଠକୀୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରୁ ରିୟା ଭୋଇ, ଡିଲେଶ୍ୱରୀ ଭୋସାଗର, ଚିନ୍ମୟ ଦାଶ ଓ ନୀତୁଶ୍ରୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଶିଶୁଶ୍ରୀର ଆବାହକ ଡକ୍ଟର ରବିନାରାୟଣ ସାହୁ ପାଠାଗାର ଓ ପୁସ୍ତକ ପଠନର ଉପାଦେୟତା ସମ୍ପର୍କରେ ବୁଝେଇ ଥିଲେ। ଛାତ୍ର କପିଲ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ଐତିହାସିକ ନିଓନେଟାଲ ସର୍ଜରୀ



**ବରଗଡ଼, ୬। ୪(ସମିସ):** କ୍ରୀଷ୍ଟା ବିକାଶ ସୁପର୍ ସ୍ପେସିଆଲିଟି ହସ୍ପିଟାଲ୍‌ସ, ଭାଲୁପାଲିର ଚିକିତ୍ସକ ଦଳ ବିପଦଶଙ୍କୁଳ ଅବସ୍ଥାରେ ଥିବା ଜଣେ ଦୁଇଦିନର ଶିଶୁର ଜୀବନକୁ ସଫଳତାର ସହ ରକ୍ଷା କରିଛନ୍ତି। ହସ୍ପିଟାଲ୍‌ର ତଥ୍ୟ ଅନୁଯାୟୀ ଜନ୍ମ ପରେ ଶିଶୁଟି କନ୍‌ଜେନିଟାଲ୍ ଡାଇଫ୍ରାଗମେଟି ହାର୍ଣ୍ଣିଆ ରୋଗରେ ପୀଡ଼ିତ ଥିଲା। ଶିଶୁଟିର ଶ୍?ାସ ଗତି ବଢ଼ିଯିବା ସହ ଶ୍ୱାସ ନେବା ଅସୁବିଧା ହେଉଥିଲା। ତୁରନ୍ତ ଅସ୍ତ୍ରୋପଚାର ବିନା ଜୀବନ ବଞ୍ଚାଇବା ଥିଲା କଠିନ। ଶିଶୁ ସର୍ଜରୀ ବିଭାଗର ବିଶେଷଜ୍ଞଙ୍କ ନେତୃତ୍ୱରେ ପରିଚାଳିତ ସର୍ଜରୀ ସମୟରେ ନିଓନେଟୋଲୋଜିଷ୍ଟ ଡ.ନିର୍ମଳଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଏନେସ୍ଥେସିଓଲୋଜି ଡାକ୍ତର ପ୍ରିୟବ୍ରତ ମହାନ୍ତି ଓ ଡାକ୍ତର ଭାବ୍ୟାଙ୍କ ସହିତ ଏକ ସମ୍ପୂର୍ଣ୍ଣ ଦକ୍ଷ ଦଳ ସର୍ଜରୀରର ସଫଳତା ଦିଗରେ କାର୍ଯ୍ୟ କରିଥିଲେ। ଚିକିତ୍ସକମାନେ କହିଛନ୍ତି ଦଳର ନିଷ୍ଠା, ସମନ୍ୱୟ ଓ ସଠିକ୍ ସମୟରେ ହେଇଥିବା ଅସ୍ତ୍ରୋପଚାର ତାଙ୍କୁ ପୁନଃଜୀବନ ଦେଇଛି। ସମ୍ବଲପୁର ଓ କ୍ରୀଷ୍ଟା ବିକାଶ ହସ୍ପିଟାଲ୍‌ସ, ଭାଲୁପାଲି ପାଇଁ ଏହି ଘଟଣା ଗର୍ବର ବିଷୟ ହେବା ସହିତ ପଶ୍ଚିମ ଓଡ଼ିଶାରେ ନବଜାତ ଶିଶୁ ଚିକିତ୍ସା ପାଇଁ ଏକ ନୂତନ ଆଶା ସୃଷ୍ଟି କରିଛି।

## ବୈରଖପାଲିରେ ଚବିଶ ପ୍ରହର ନାମଯଜ୍ଞ

**ବିଜେପୁର, ୬।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ବୈରଖପାଲି ଗ୍ରାମରେ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଦିନ ଗ୍ରାମବାସୀଙ୍କ ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଜାହ୍ନବୀ ସାହୁ, ସରପଞ୍ଚ ପ୍ରତିନିଧି ଭୋଜରାଜ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ଆଶୀର୍ବାଦ କାମନା କରିଥିଲେ। ସୁବାଷ ଚନ୍ଦ୍ର ମେହେର ଓ ତାଙ୍କ ଧର୍ମପତ୍ନୀ ଆହ୍ଲାଦିନି ମେହେର ଯଜ୍ଞକର୍ତ୍ତା କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି, ସଂକୀର୍ତନ ଦଳ, ଅବାଳାବୃଦ୍ଧବନିତା ଓ ମାତୃମଣ୍ଡଳୀଙ୍କର ସହଯୋଗ ରହିଥିଲା। ନାମଯଜ୍ଞରେ ମୋଟ ଚାରୋଟି ସଂକୀର୍ତ୍ତନ ଦଳ ଯଥା ମଶାନକୁଣ୍ଡା, ଫିରିଙ୍ଗିମାଲ, ରୁଚିଦା ଓ ଉଦେଇପାଲି ସଂକୀର୍ତନ୍ୟ ଦଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ହନୁମାନ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

**ଭଟଲି, ୬।୪(ସମିସ):** ସ୍ଥାନୀୟ ଟାଉନ ହଲ୍ ଠାରେ ଆସନ୍ତା ୧୪ ତାରିଖ ମହା ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କିପରି ଭାବେ ଶାନ୍ତି ଶୃଙ୍ଖଳା ସହିତ ଶୋଭାଯାତ୍ରା ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ଉପସ୍ଥିତ ସଭ୍ୟଙ୍କୁ ଅନୁରୋଧ କରାଯାଇଥିଲା। ଉକ୍ତ ଦିନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ସେହି ଦିନ ଅପରାହ୍ନ ୫ ଟାରେ ରଥଦାଣ୍ଡ ପଡ଼ିଆରେ ସାମୂହିକ ହନୁମାନ ଚାଳିଶା ପାଠ କରାଯିବାର ସ୍ଥିରୀକୃତ ହେଇଥିଲା। ପରେ ସୁସଜ୍ଜିତ ରଥରେ ରାମ, ଲକ୍ଷ୍ମଣ, ହନୁମାନଙ୍କୁ ବସାଇ ବିଭିନ୍ନ ସାଂସ୍କୃତିକ ଦଳ ସହ ଶୋଭାଯାତ୍ରା ବିଜୟା ଛକରୁ ବାହାରି କୁସନପୁରୀ ଜଗନ୍ନାଥ ମନ୍ଦିର ହୋଇ ବସ୍‌ଷ୍ଟାଣ୍ଡ ଛକ ଦେଇ ଶ୍ରୀ ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯିବାପାଇଁ ପ୍ରସ୍ତାବ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶେଷରେ ସୁମନ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଆପ୍ରାଇଜ ପ୍ରିମିୟର ଲିଗ୍ ଶୁଭାରମ୍ଭ

# ନିଲାମରେ ୮ ଦଳ ଅଂଶ ଗ୍ରହଣ



**ବରଗଡ଼, ୬। ୪(ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ୍ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁସନ୍ସରେ ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଅକ୍ସନରେ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦଳ (ବବର ଶେର)କୁ ଗ୍ରୁପର ଅଧ୍ୟକ୍ଷ ଇଂ.ଜଗଦୀଶ ଚନ୍ଦ୍ର ବେହେରା କିଣି ଥିଲେ। ଦ୍ୱିତୀୟ ଦଳକୁ ଆପ୍ରାଇଜ ଇଣ୍ଡିଆନକୁ ଇଂ ଅଭିଲାଷ ହୋତା ଏବଂ ସୁରଜ ପ୍ରଧାନ କିଣି ଥିଲେ। ତୃତୀୟ ଦଳ( ଆପ୍ରାଇଜ ଲାୟନ )କୁ ଆପ୍ରାଇଜ ଗ୍ରୁପର ସମ୍ପାଦକ ଶରତ ଚନ୍ଦ୍ର ବେହେରା ଓ ସନତ ସା କିଣିଥିଲେ। ଚତୁର୍ଥ ଦଳ(ଆପ୍ରାଇଜ ୱାରିଅର) କୁ ତ୍ରିବିକ୍ରମ ବେହେରା ଓ ଓମ ପ୍ରକାଶ ସାହୁ କିଣି ଥିଲେ। ପଞ୍ଚମ ଦଳ (ଆପ୍ରାଇଜ ଗ୍ଲାଡିଏଟର) ମାନସ ରଞ୍ଜନ ସାହୁ ଏବଂ ନିହାର ରଞ୍ଜନ ରାଉତ, ଷଷ୍ଠ ଦଳ (ଆପ୍ରାଇଜ ସୁପର କିଂଗ୍) ସୁଶାନ୍ତ ମେହେର ଏବଂ ଅଜୟ କୁ. ସାହୁ କିଣି ଥିଲେ। ସପ୍ତମ ଦଳ ( ଆପ୍ରଇଜ ଚେଲେଞ୍ଜର) କୁ ପ୍ରଫୁଲ୍ଲ କୁମାର ପରିଡ଼ା ଏବଂ ଦେବାଶିଷ ସାହୁ କିଣି ଥିଲେ। ଅଷ୍ଟମ ଦଳ (ବ୍ରଦର୍ସ)କୁ ବିକାଶ ସାହୁ କିଣିଥିଲେ। ଆସନ୍ତାକାଲି ଠାରୁ ଆପ୍ରାଇଜ ପ୍ରିମିୟର ଲିଗ ଆରମ୍ଭ ହେବ ବୋଲି ଗ୍ରୁପର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ଼.ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି।

## ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ

**ଅମ୍ବାଭୋନା, ୬। ୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଭୁକ୍ତା ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭିଏ ସ୍କୁଲ୍ ଯିବା ଆଭିମୁଖ୍ୟ ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ବାହାରିଥିବା ଶିକ୍ଷା ସଚେତନତା ରଥକୁ ବିଦ୍ୟାଳୟରେ ସ୍ୱାଗତ କରାଯାଇଥିଲା।ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ଶ୍ରୀପତି ସାହୁ, ସୁବାସ ଚନ୍ଦ୍ର ଖମାରୀ, ଅମୂଲ୍ୟ ଭୋଇ, ଅଙ୍କିତ ମହନ୍ତ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ସୁଦର୍ଶନ ପଧାନ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରୋଜାଲିନ ଭୋଇ, ରାଜ କୁମାରୀ ଭୁଏ, ମନୋଜା ପଟେଲ, ସରିତା ପଟେଲ, ପୁଷ୍ପାଞ୍ଜଳି ପଧାନଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିବା ବେଳେ ଶିଶୁ ବାଟିକା, ଷଷ୍ଠ ଶ୍ରେଣୀ, ଅଷ୍ଟମ ଶ୍ରେଣୀ ଓ ନବମ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା।

## ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ



**ବରଗଡ଼, ୬।୪(ସମିସ):** ବରଗଡ଼ ଜିଲ୍ଲା ଜଳ ଓ ପରିମଳ ମିଶନ୍ ଆନୁକୂଲ୍ୟରେ ବରଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେରସିୟସ୍ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ପଞ୍ଚାୟତସ୍ଥିତ ବରାଡ ବାବା ବାଲୁଙ୍କେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ପକ୍ଷ ଅବସରରେ ସ୍ୱଚ୍ଛ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର ପରିସର ସଫେଇ କରାଗଲା ଓ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନିଷେଧକୁ ନେଇ ଶପଥ ପାଠ କରାଯାଇଥିଲା। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବ୍ୟବହାର କରିବାଦ୍ୱାରା ପରିବେଶ ଦୂଷିତ ହେଉଥିବାରୁ ଏହାକୁ ବର୍ଜନ କରିବା ପାଇଁ ଗ୍ରାମର ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ବରଗଡ଼ ବ୍ଲକ ପରିମଳ ବିଭାଗ ସଂଯୋଜକ କମ୍ପୁପାଣି ସାହୁଙ୍କ ସଂଯୋଜନାରେ ଗାଇସୀମା ସରପଞ୍ଚ ଧିରନ ମହାପାତ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବେହେରା, କନିଷ୍ଠ ଯନ୍ତ୍ରୀ ଶିବମ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିଲୁ ଭୋଇ, ଏଡିଇଓ ହିମାଂଶୁ ସିଂଗଲାଲ, ଯୋଗଣ ସହାୟକ ନକୁଲ ଭୋଇ, ୱାର୍ଡ ସଭ୍ୟ, ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ଜିପିଏଲଏଫ ସଭ୍ୟା ସହ ଗ୍ରାମର ବହୁ ମହିଳା, ମନ୍ଦିର କମିଟି ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜାଲପାଲି ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବିଜେପୁର, ୬।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଜାଲପାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ରାଜୀବ ଲୋଚନ ହୋତା ଏଜୁକେଶନାଲ ଟ୍ରଷ୍ଟର ଚେୟାରମ୍ୟାନ ନରେନ୍ଦ୍ର କୁମାର ହୋତା, ସ୍ଥାନୀୟ ସରପଞ୍ଚ ବିଳାସିନୀ ଖମାରୀ ପ୍ରମୁଖ ଅତିଥି ରୂପେ ଏବଂ ଅଧ୍ୟାପକ ଇଶ୍ୱର ମେହେର ମୁଖ୍ୟବକ୍ତା ଭାବେ ଯୋଗଦାନକରି ଛାତ୍ରଛାତ୍ରୀଙ୍କୁ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଦ୍ମାଳୟା କୈଳାସ ଫାଉଣ୍ଡେସନର ମୁଖ୍ୟ ଝସକେତନ ମେହେର, ବରପାଲି ଫାର୍ମାସି କଲେଜର ନିର୍ଦ୍ଦେଶକ ଡଃ ରଞ୍ଜନ କୁମାର ସାହୁ, ଅଧ୍ୟକ୍ଷ ଡଃ ଆଶୁତୋଷ ପଧାନ, ଆଇନଜୀବୀ ପ୍ରକାଶ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ଭରତ ଖମାରୀ, ମୋ ସ୍କୁଲ ଅଭିଯାନ ଚେୟାରମେନ ମହେନ୍ଦ୍ର ପଧାନ, ବିଦ୍ୟାଳୟର ପ୍ରାକ୍ତନ ଜୟରାମ ବାଘ, ସାଂସଦ ପ୍ରତିନିଧି ବିନୋଦ ବିଶ୍ୱାଳ, ରାମଲୀଳା ଯାତ୍ରା କମିଟିର ସଭାପତି ରବୀନ୍ଦ୍ର ମେହେର, ନରେଶ ମେହେର, ବିଜୟ ଖମାରୀ, ସୁଦାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ରଚିତ ଓ ସୁରେଶ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ'ନୂଆଁଖାଇର୍ ଭାବ୍'ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଉଦ୍‌ଯାପନ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ଯୋଗଦାନ କରିଥିଲେ।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ



**ବିଜେପୁର, ୬।୪ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସୁନନ୍ଦ ମିଶ୍ର, ସୌମ୍ୟରଞ୍ଜନ ପଧାନ, ରାଜେଶ ସାହୁ, ଶଶି ଭୂଷଣ ସାହୁ ମଞ୍ଚାସୀନ ଥିଲେ। ଅମୀୟ ପ୍ରସାଦ ଭୋଇଙ୍କ ପରିଚାଳନାରେ ପ୍ରାକ୍ତନ ସଭାପତି ବାସୁଦେବ ପଧାନ ଉଦ୍ଦେଶ୍ୟ ଜ୍ଞାପନ, ଅକ୍ଷୟ ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ସୌମ୍ୟରଞ୍ଜନ ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ।ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପ୍ରାକ୍ତନ ସଭାପତି ଭାଗବତ ସାହୁ ଓ ବରିଷ୍ଠ ଶିକ୍ଷକ ସୁମନ୍ତ ଗଡ଼ତୀୟାଙ୍କର ତତ୍ତ୍ୱାବଧାନରେ ନିର୍ବାଚନ ପାଇଁ ଆଲୋଚନା ହୋଇଥିଲା। ହେଲେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରସ୍ତାବ କ୍ରମେ ପୂର୍ବତନ ପରିଚାଳନା କମିଟି ସଦସ୍ୟଙ୍କୁ ପୁଣି ଗୋଟିଏ ବର୍ଷ ପାଇଁ ମନୋନୟନ କରାଯାଇଥିଲା। ସନ୍ତୋଷ ବାଗ ସଭାପତି, ସୁନନ୍ଦ ମିଶ୍ର ଉପସଭାପତି, ସୌମ୍ୟରଞ୍ଜନ ପଧାନ ସମ୍ପାଦକ, ରାଜେଶ ସାହୁ ସହ ସମ୍ପାଦକ, ଶଶି ଭୂଷଣ ସାହୁ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ପରିଚାଳନା କମିଟିର ସଦସ୍ୟ ଭାବେ ବାସୁଦେବ ପଧାନ, ଅଚ୍ୟୁତାନନ୍ଦ ମାଝୀ, ଘନଶ୍ୟାମ ଦଣ୍ଡସେନା, ବିଡିଓ ସାହୁ, ପ୍ରେମରାଜ ପଧାନ, ପ୍ରଶାନ୍ତ ପଣ୍ଡା, ଆର୍ତ୍ତତ୍ରାଣ ଚୌହାନ, ଶୈଳେନ୍ଦ୍ର ନାରାୟଣ ମିଶ୍ର, ଭୋଜରାଜ ମଲ୍ଲିକ, ସୀତାରାମ ଦୀପ, ଦୁର୍ବାଦଳ ବଡଗୁଛିଆ, ଯଦୁମଣି ସୁନା, ହୃଦମଣି ସାହୁ, ଅଭିଶେକ ଦାଶ ପ୍ରମୁଖ ମନୋନୀତ ହୋଇଥିଲେ।

# ଝାରବନ୍ଧ ପ୍ରବେଶ ପଥରେ ମଦ ବୋତଲ ଗଦା

**ଝାରବନ୍ଧ, ୬।୪ (ସମିସ)**



ଝାରବନ୍ଧକୁ ପ୍ରବେଶ ପଥରେ ମଦ ବୋତଲ ଗଦାକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି।ଝାରବନ୍ଧକୁ ପ୍ରବେଶ ପଥରେ ଯାତ୍ରୀମାନଙ୍କୁ ସ୍ୱାଗତ ବୋଲି ଯେଉଁ ବୋର୍ଡ ଲାଗିଛି ସେହିଠାରେ ବର୍ତ୍ତମାନ ଅସ୍ୱଚ୍ଛତାର ଚିତ୍ର ଦେଖିବାକୁ ମିଳୁଛି। ମୁଖ୍ୟ ରାସ୍ତା କଡରେ ଶହଶହ ଖାଲି ମଦ ବୋତଲ, ପାଉଚ ଓ ଭଙ୍ଗା ଗ୍ଲାସ ପଡ଼ିରହିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର କାରଣ ହୋଇଉଠିଛି। ପାଇକମାଳ ପଟରୁ ଆସୁଥିବା ଯାତ୍ରୀମାନେ ପ୍ରଥମେ ଯାହା ଦେଖୁଛନ୍ତି, ସେହିଟି ହେଉଛି ଅସ୍ୱଚ୍ଛ ପରିବେଶ। ଏହା ଝାରବନ୍ଧ ଅଞ୍ଚଳର ଛବିକୁ ଏକ ପ୍ରକାର କ୍ଷତିଗ୍ରସ୍ତ କରୁଥିବା ବେଳେ ଅନ୍ୟପଟେ ସ୍ୱାଗତ ବୋର୍ଡର ଅର୍ଥକୁ ପୂର୍ଣ୍ଣରୂପେ ବିପରୀତ ଚିତ୍ର ପ୍ରଦର୍ଶନ କରୁଛି। ଏହାଠାରୁ ଅଧିକ ଚିନ୍ତାଜନକ ବିଷୟ ହେଉଛି, ଏହି ସ୍ଥାନ ପାଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବିଦ୍ୟାଳୟ ଅବସ୍ଥିତ ଅଛି। ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ଓ କୋମଳମତି ଶିଶୁମାନେ ଯାତାୟାତ କରୁଥିବା ବେଳେ ଏପରି ଦୃଶ୍ୟ ସେମାନଙ୍କ ମନରେ ଖରାପ ପ୍ରଭାବ ପକାଇପାରେ ବୋଲି ଅଭିଭାବକମାନେ ମତ ପ୍ରକାଶ କରୁଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଦୀର୍ଘଦିନ ଧରି ଏଠାରେ ଏଭଳି ଅବର୍ଜନା ସଞ୍ଚୟ ହେଉଥିଲେ ମଧ୍ୟ କୌଣସି ସଫାଇ କାର୍ଯ୍ୟ ହୋଇନାହିଁ। ଏହା ସ୍ୱଚ୍ଛତା ଅଭିଯାନର ସଫଳତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଥିବା ସହ ପ୍ରଶାସନୀୟ ଅବହେଳାକୁ ସ୍ପଷ୍ଟ କରୁଛି। ଯଥାଶୀଘ୍ର ଏହି ଅଞ୍ଚଳକୁ ସଫା କରାଯାଇ ନିୟମିତ ବ୍ୟବସ୍ଥା କରାଯିବା ସହ ଝାରବନ୍ଧର ପରିଚ୍ଛନ୍ନ ଛବି ପୁନଃସ୍ଥାପିତ କରିବାପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

